ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର – ୭୫୧୦୦୩

Dr. T. R. Mohanty
Nodal Officer

**ସପ୍ତାହ –୩୭**

ନ.- ୮୫୮ (ଓଡିଆ ବୁଲେଟିନ)

ତାରିଖ- ୧୬.୦୯.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଜଗତସିଂହପୁର ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୦.୦୯.୨୦୨୫ ରୁ ୧୬ .୦୯.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 34 | 26.7 | 26.7 |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୭. ୦୯. ୨୦୨୫ ରୁ ୨୧. ୦୯.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |
| ସର୍ବାଧିକ ତାପମାତ୍ରା (°C) | 30 | 32 | 32 | 33 | 33 |
| ସର୍ବନିମ୍ନ ତାପମାତ୍ରା (°C) | 27 | 27 | 27 | 27 | 27 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 90 | 88 | 88 | 88 | 88 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 74 | 69 | 65 | 63 | 63 |
| ପବନର ବେଗ (କି.ମି./ଘ.) | 9 | 11 | 11 | 8 | 6 |
| ପବନର ଦିଗ | 212 | 217 | 221 | 231 | 228 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଙ୍ଘପୁର ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୬ ରୁ ୧୧ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦ ରୁ ୩୩ ଡିଗ୍ରୀ ସେଲସିଅସ ଓ ୨୭ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ❖ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ❖ ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ୟୁରିଆ ସାର ପ୍ରୟୋଗ ନ କରି ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।
- ❖ ଧାନ ଫସଲରେ ଗଣ୍ଠିଛାଡିବା ବା ଗର୍ଭ ସଞ୍ଚାର ଆରମ୍ଭ ହେବା ଅବସ୍ଥାରେ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ଏକର ପ୍ରତି ୧୭- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ଜମି ହୋଇଥିଲେ ଏକର ପ୍ରତି ୧୭- କିଲୋଗ୍ରାମ ୟୁରିଆ ସାର ସହିତ ୧୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଶଙ୍କର ବା ହାଇବ୍ରିଡ ଧାନ ପାଇଁ ଏକର ପ୍ରତି ୨୦- କିଲୋଗ୍ରାମ ୟୁରିଆ ସହିତ ୨୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ।
- ❖ ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ, ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ପରାମର୍ଶ ଦିଆଯାଉଅଛି । ସେହି ସମୟରେ ଲୁହା ଉପକରଣ ଯେପରିକି ହଳ, କୋଦାଳ ଏବଂ ଦାଆ ଆଦି ବ୍ୟବହାର କରନ୍ତୁ ନାହିଁ, କାରଣ ଏଗୁଡ଼ିକ ବିଦ୍ୟୁତ୍ ଚାଳନ କରେ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- ❖ ଭେଣ୍ଡି, ଝୁଡଙ୍ଗ, କଖାରୁ, କଲରା, ଜହ୍ନି, କାକୁଡି ଆଦି ପନପିରବି ଫସଲ ରେ ଲାଗୁଥିବା ସାହେବୀ ରୋଗ ର ପରିଚାଳନା କରିବା ପାଇଁ ବିହନ ଗୁଡିକୁ ଇମିଡାକ୍ଲୋପ୍ରିଡ (Imidacloprid) ୭୦% ଡବ୍ଲୁ.ଏସ ୭ ଗ୍ରାମ/କେଜି ବିହନ କିମ୍ବା ଥିଆମିଥୋକ୍ସାମ ୭୦% ଡବ୍ଲୁ.ଏସ ୭ ଗ୍ରାମ/କେଜି ବିହନ ସହିତ ବିଶୋଧନ କରନ୍ତୁ ।
- ❖ ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।
- ❖ କୁକୁଡା ମାନଙ୍କୁ ରୋଗ ନହେବା ପାଇଁ କୁକୁଡା ଫାର୍ମକୁ ସଫା ସୁତୁରା ରଖନ୍ତୁ। ରୋଗ ମୁକ୍ତ କୁକୁଡା ଚିଆଁ ବାଛିକରି ଫାର୍ମକୁ ଆଣନ୍ତୁ ଏବଂ ଦରକାର ଅନୁପାତରେ ଉପଯୁକ୍ତ କୁକୁଡା ଦାନା ଓ ପରିଷ୍କାର ଜଳ ଦିଅନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ପିଲ - କେଣ୍ଡା ବାହାରିବା ଅବସ୍ଥା | ❖ <u>ଜୀବାଣୁଜନିତ ପତ୍ରପୋଡା ରୋଗ-</u><br>ବର୍ତମାନ ଧାନ ରେ ଜୀବାଣୁଜନିତ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୬୦୦-ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide) ନାମକ ଔଷଧ କିମ୍ବା ୨୦୦-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୬୦୦-ଗ୍ରାମ କପର ଓଗଜି କ୍ଲୋରାଇଡ (Copper Oxy Chloride) ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>❖ <u>ମାଟିଆ ଗୁଣ୍ଡି ପୋକ ବା ଚକଡା ପୋକ-</u><br>ବର୍ତମାନ ସମୟ ରେ ବାୟୁମଣ୍ଡଳ ର ଅଧିକ ତାପମାତ୍ରା ଓ ଆର୍ଦ୍ରତ ଯୋଗୁଁ ଧାନ ଫସଲ ରେ ମାଟିଆ ଗୁଣ୍ଡି ପୋକ ବା ଚକଡା ପୋକ ଲାଗିବାର ସମ୍ଭାବନା ଅଛି । ବୁଦା ପ୍ରତି ୧୦ ରୁ ୧୫ ଟି ପୋକ ଦେଖାଦେଲେ, ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୧୨୦-ଗ୍ରାମ Pymetrozine ନାମକ କୀଟନାଶକ କିମ୍ବା ୮୦-ଗ୍ରାମ Dinotefuran ନାମକ କୀଟନାଶକ କିମ୍ବା ୬୦- ଗ୍ରାମ Flonicamid ନାମକ କୀଟନାଶକ କିମ୍ବା ୧୦୦ ମିଲି Triflumezopyrim ନାମକ କୀଟନାଶକ, ୨୦୦ -ଲିଟର ପାଣିରେ ମିଶାଇ ବୁଦା ମୂଳ କୁ ଲକ୍ଷ କରି ସିଂଚନ କରନ୍ତୁ । |
| ବିରି ଓ ମୁଗ | ଫୁଲ/ ଛୁଇଁ ଧରିବା ଅବସ୍ଥା | ❖ <u>ସର୍କୋସ୍ପୋରା ଜନିତ ପତ୍ର ଦାଗ ରୋଗ ଏବଂ ମୂଳ ସଢା ରୋଗ ପରିଚାଳନା</u><br>ବର୍ଷା ଛାଡ଼ିଗଲା ପରେ ସର୍କୋସ୍ପୋରା ଜନିତ ପତ୍ର ଦାଗ ରୋଗର ପରିଚାଳନା ପାଇଁ ଏକର ପ୍ରତି୪୦୦-ଗ୍ରାମ କାରବେନଡାଜିମଏବଂ ମାଙ୍କୋଜେବ (carbendazim ଏବଂ mancozeb) ଉମିଳିତ ଫିମ୍ପିନାଶକ ଯାହାକି କିମ୍ବା ୩୦୦-ମି.ଲି ହେକ୍ସାକୋନାଜୋଲ (Hexaconazole) ନାମକ ଫିମ୍ପିନାଶକ ଏକର ପ୍ରତି ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୁଗ ଏବଂ ବିରି ଫସଲ ରେ ସଢା ରୋଗ ର ପରିଚାଳନାପାଇଁ ଏକର ପ୍ରତି ୪୦୦-ମିଲି ଭାଲିଡାମାଇସିନ(Validamycin)ନାମକ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ଗଛ ମୂଳ ଏବଂ ମାଟି କୁ ଭଲ ଭାବରେ ଭିଜାନ୍ତୁ । |

| | | |
|---|---|---|
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା - ଫୁଲ ଧରିବା ଅବସ୍ଥା | ❖ <u>ପତ୍ର ସୁଡଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକ ପରିଚାଳନା</u><br>ଶୁଖିଲା ପାଗ ଦେଖି ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋକ୍ସାମ (Thiamethoxam) ନାମକ କୀଟନାଶକ କିମ୍ବା ୮୦-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ, ୨୦୦- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।<br>❖ <u>ମୂଳ ଓ କାଣ୍ଡ ପଚା ରୋଗ</u><br>ବର୍ଷା ପରେ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ରୋଗ ଲାଗିବାର ସମ୍ଭାବନା ଅଛି। ଏହି ରୋଗ କୁ ପ୍ରତିରୋଧ କରିବା ପାଇଁ ବିହନକୁ ବୁଣିବା ଆଗରୁ ପ୍ରତି କିଲୋଗ୍ରାମ ବିହନରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ର Thiram ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ। ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Validamycin କିମ୍ବା ୩୦୦ ଗ୍ରାମ captan ଓ Hexaconazole ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| ଆଖୁ | ଅଭିବୃଦ୍ଧି ଅବସ୍ଥା | ❖ <u>ପବବିନ୍ଧା ପୋକର ପରିଚାଳନା</u><br>ଜୈବିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ଗୋଟିଏ *Trichogramma chilonis* card ପ୍ରତି ସପ୍ତାହ ଅନ୍ତରରେ 6 ଥର ବ୍ୟବହାର କରନ୍ତୁ । କାର୍ଡଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି 12 ଟି ସ୍ଥାନରେ ଲଗାନ୍ତୁ। ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି 600 ମି. ଲି. Fipronil ନାମକ କୀଟନାଶକ କିମ୍ବା 400 ମି. ଲି. Profenophos ନାମକ କୀଟନାଶକ କିମ୍ବା 80 ମି. ଲି. Chlorantraniliprole ନାମକ କୀଟନାଶକ, 200- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହା ବଦଳରେ ଆପଣ ଏକର ପ୍ରତି 4 କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କୁ 8 କିଲୋଗ୍ରାମ ବାଲି ସହ ମିଶାଇ ଜମିରେ ପ୍ରୟୋଗ କରିପାରିବେ । |
| କଖାରୁ ଜାତୀୟ ପନିପରିବା | ତରୁଣ ଅବସ୍ଥାରୁ ଫଳ ଧରିବା ଅବସ୍ଥା | ❖ <u>ନିମ୍ନମୁଖୀ ପତ୍ରପାଚା ରୋଗ</u><br>ବର୍ଷା ଛାଡ଼ିଗଲା ପରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ପୋଟଳ ,ଲାଉ ଇତ୍ୟାଦି ଫସଲରେ ନିମ୍ନମୁଖୀ ପତ୍ରପାଚା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩-ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide) ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୩-ଗ୍ରାମ ଫୋସେଟିଲ-ଆଲ (Fosetyl –AL) ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୨-ଗ୍ରାମ କରବେଣ୍ଡାଜିମ ଏବଂ ମଙ୍କୋଜେବ (Carbendazim ଏବଂ Mancozeb) ର ମିଳିତ ଫିମ୍ପିନାଶକ ମିଶାଇ ସିଂଚନ କରନ୍ତୁ। |
| ଟମାଟୋ /ବିଲାତି ବାଇଗଣ | ତାରା ଅବସ୍ଥା | ❖ <u>ବିହନ ବିଶୋଧନ</u><br>ବୁଣିବା ଆଗରୁ ୧ କି. ଗ୍ରା. ବିହନ ପ୍ରତି ୨ ଗ୍ରାମ Carboxin 37.5%+ Thiram 37.5% D.S କିମ୍ବା ୪ ଗ୍ରାମ Imidacloprid ମିଶାଇ ବିଶୋଧନ କରନ୍ତୁ । ବିଶୋଧିତ ବିହନ କୁ ମଞ୍ଜି କୁ ମଞ୍ଜି ୨.୫ ସେ.ମି., ଧାଡି କୁ ଧାଡି ୫ ସେ.ମି. ବ୍ୟବଧାନରେ ଓ ୧ ସେ. ମି. ଗଭୀରରେ ବୁଣନ୍ତୁ । ଶୀଘ୍ର ଗଜା ହେବା ପାଇଁ ପଟାଳି କୁ ପାଳ କିମ୍ବା ଶୁଖିଲା ପତ୍ର ଦ୍ଵାରା ଘୋଡାଇ ଦିଅନ୍ତୁ । ମଞ୍ଜି ବୁଣିବାର ୧୫ ଦିନ ପରେ ୨ ଗ୍ରାମ Carbendazim+Mancozeb କୁ ୧ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ୩-୪ ସପ୍ତାହର ତଳିକୁ ମୁଖ୍ୟ ଜମିରେ ରୋପଣ କରନ୍ତୁ । |
| ଅମୃତଭଣ୍ଡା | ଅଭିବୃଦ୍ଧି / ଫଳ ଧରିବା | ❖ <u>ମୂଳପଚା ରୋଗ</u><br>ବର୍ଷା ଛାଡ଼ିଗଲା ପରେ ଅମୃତଭଣ୍ଡା ରେ ବର୍ଷା ପାଗ ଯୋଗୁଁ ମୂଳପଚା ରୋଗ ଲାଗିଲେ ଏହାର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ Copper Oxychloride @ ୩ ଗ୍ରାମ କିମ୍ବା Carbendazim @ ୧ ଗ୍ରାମ କିମ୍ବା Thiophanate Methyl @ ୧ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତର ରେ ସିଂଚନ କରନ୍ତୁ । |
| ବାଇଗଣ ଓ ଲଙ୍କା | ଅଭିବୃଦ୍ଧି / ଫଳ ଧରିବା | ❖ ପନିପରିବା ଫସଲ ଯଥା ବାଇଗଣ, ଲଙ୍କା ଆଦି ଫସଲରେ ଝାଉଂଳା ରୋଗ ଲାଗିବାର ସମ୍ଭାବନା ରହିଛି । ଝାଉଂଳା ରୋଗ ର ପରିଚାଳନା ପାଇଁ ପ୍ରଥମେ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ବର୍ଷା ପରେ ବାଇଗଣ ଫସଲ ରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଅଛି । ଶୁଖିଲା ପାଗ ଦେଖି ଏହି ପରିଚାଳନା ପାଇଁ ପ୍ରଥମେ ବାଇଗଣ ଫସଲ ରେ ପାଣି ଜମି ନରହିବା ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ । ପ୍ରତି ଲିଟର ପାଣି ରେ ୨-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୧-ମି.ଲି ଟେବୁକୋନାଜୋଲ (Tebuconazole) ନାମକ ଫିମ୍ପିନାଶକ, ମିଶାଇ ଗଛ ମୂଳ ଏବଂ ମାଟି କୁ ଭଲ ଭାବରେ ଭିଜାନ୍ତୁ । |

| | |
|---|---|
| ପଶୁ ସମ୍ପଦ | ❖ ସାହାଣା ରୋଗ<br>ଏହି ରୋଗ ହେଲେ ଗାଈ ଓ ମଇଁଷିମାନଙ୍କୁ ଜ୍ୱର ହୁଏ। ଖାଇବା ବନ୍ଦ ହୋଇଯାଏ। ପାଟି ଓ ନାକରୁ ଲାଳ ଗଡେ। ଧୀରେ ଧୀରେ ତଣ୍ଟି ଫୁଲିଯାଏ। ନିଶ୍ୱାସ ନେବାକୁ କଷ୍ଟ ହୁଏ ଯାହାକି ଘୁଡୁରୁ ଘୁଡୁରୁ ଶବ୍ଦ ଶୁଭେ। ୩ ରୁ ୪ ଦିନ  ମଧ୍ୟରେ ଚିକିତ୍ସା ନକଲେ ଗୋରୁ ମରିଯାଏ। ଗାଈ ଅପେକ୍ଷା ମଇଁଷିମାନଙ୍କୁ ଏହି ରୋଗ ବେଶୀ ଦେଖାଯାଏ। ପ୍ରାଥମିକ ଅବସ୍ଥାରେ ଏହି ରୋଗର ଚିକିତ୍ସା କଲେ ଗୋରୁଟି ବଞ୍ଚିଯାଏ । |
| ମତ୍ସ୍ୟ ସମ୍ପଦ | ❖ ପୋଖରୀରେ ଅମ୍ଳଜାନ କମିଗଲେ ମାଛ ମାନେ ପାଣି ଉପରକୁ ଆସି ପାଟି ପାକୁ ପାକୁ କରିବେ ଓ ମରିଯିବେ । ଚାଷ କରାଯାଉଥିବା ପୋଖରୀରେ ଅମ୍ଳଜାନ ଲିଟର ପ୍ରତି ୫ ମିଲିଗ୍ରାମ ରହିବା ଉଚିତ । ଏରେଟର ବ୍ୟବହାର କରି ଏହାର ପରିମାଣକୁ ବଜାୟ ରଖାଯାଇପାରିବ । ଏକ ସରଳ ଉପାୟରେ ପୋଖରୀରେ ଅମ୍ଳଜାନର ପରିମାଣ ନିଅନ୍ତ୍ରିତ କରି ପୋଖରୀ ଜଳକୁ ବୁଲାଇବା ପାଇଁ ଏକ ପମ୍ପ ବ୍ୟବହାର କରି ପୋଖରୀର ତଳ ପୃଷ୍ଠ ରୁ ପାଣି ନେଇ ପୋଖରୀ ଉପରେ ଛିଞ୍ଚିପାରିବେ । |


ତୁଷାର ରଞ୍ଜନ ମହାନ୍ତି

ନୋଡାଲ୍ ଅଫିସର,

ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ


ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)